# ଓଡିଶା ସୂଚନା କମିଶନ୍ – ଭଲକରି ଚିହ୍ନିରଖ ଦୁଇଭ୍ରାତାଙ୍କ ବଦନ (୩ୟ ଭାଗ)

## ଲଗେ ରହୋ ମୁନାଭାଇ

ଏହି ଶିରୋନାମାରେ ଏହି ଲେଖକର ୨ଟି ଲେଖା ଆଗରୁ ଆତ୍ମପ୍ରକାଶ କରିସାରିଛି । ଆମ ରାଜ୍ୟରେ ସୂଚନା ଅଧିକାର ଅଭିଯାନର ପ୍ରମୁଖ ମୁଖପାତ୍ର ଶ୍ରୀ ପ୍ରଦୀପ ପ୍ରଧାନଙ୍କ ଉଦ୍ୟମରେ ଏହି ଲେଖାମାନ ଇଣ୍ଟରନେଟ୍‌ରେ ପ୍ରକାଶ ପାଇଲା ପରେ ତହିଁର ସୁନିର୍ଦ୍ଦିଷ୍ଟ ସୁପ୍ରଭାବ ଆଉ କାହା ଉପରେ ପଡୁ ବା ନପଡୁ, ରାଜ୍ୟ ସୂଚନା କମିଶନଙ୍କ ଉପରେ ନିଶ୍ଚିତ ରୂପେ ପଡିଛି । ଫଟୋଗାଲେରିରୁ କେତେକ ଅବାଂଛିତ ଫଟୋଗୁଡିକର ଅପସାରଣ କରାଯାଇଥିବାର ସୁସମାଚାର ଆମେ ଦ୍ୱିତୀୟ ଲେଖାରେ ଦର୍ଶେଇଥିଲୁ । ବର୍ତ୍ତମାନ ଆଉ ୩ଟି ସୁସମାଚାର ଆମର ଦୃଷ୍ଟିକୁ ଆସିଛି - ପ୍ରଥମତଃ ଗତ ଲେଖାରେ ଯେଉଁ ଧରଣର ଅମାର୍ଜ୍ଜନୀୟ ଲିଖନ-ତୃଟିର ଗୋଟିଏ ଦୃଷ୍ଟାନ୍ତ ଦେଇଥିଲୁ, ଯଥା- ଅଭିଯୋକ୍ତା ଶ୍ରୀମତୀ ପ୍ରତିଭା ଭୂୟାଁଙ୍କ ନାମ ବଦଳରେ ଶ୍ରୀ ପ୍ରଭାତ ଭୂୟାଁ ଲେଖାଯିବା- ଆଜି ତାହା ସଂଶୋଧନ ହୋଇଯାଇଛି; ଦ୍ୱିତୀୟତଃ କମିଶନ୍ ଆଜି (୫ ଡିସେମ୍ବର) ତାରିଖରେ ୩୧.୧୦.୨୦୦୬ ସୁଦ୍ଧା ସଚେତନତା କାର୍ଯ୍ୟକ୍ରମ (IEC Activities) ପିଛା ମୋଟ୍ ୪୨ଲକ୍ଷ ୫୮ହଜାର ୫୦୦ଟଙ୍କା ଖର୍ଚ୍ଚ କରିଥିବାର ଏକ ଫର୍ଦ୍ଦକିଆ ହିସାବ-ସୂଚୀ ନିଜ ୱେବ୍‌ସାଇଟ୍‌ରେ ପ୍ରକାଶ କରିଛନ୍ତି । ତୃତୀୟ ସୁସମାଚାରଟି ହେଲା, ବହୁ ପ୍ରତୀକ୍ଷିତ ଶୁଣାଣି ତାଲିକା (Cause List) ଆଜି ତାରିଖରୁ ପ୍ରକାଶ ପାଇଛି, ଯେଉଁଥିରୁ ଅଭିଯୋକ୍ତା ଓ ଅପିଲ୍‌କର୍ତ୍ତାମାନେ ଅନ୍ତତଃ ୮ ଫେବୃଆରି ୨୦୦୭ ଯାଏଁ କାହାର କେବେ ଶୁଣାଣି ଅଛି, ଜାଣି ପାରିବେ । ଏଥିରୁ ମନେହୁଏ, ଉଭୟ କମିଶନରଙ୍କ ବୋଧେନ୍ଦ୍ରିୟଗୁଡିକ ପରିସ୍ଥିତିର ତାଗିଦ୍‌ରେ ହଠାତ୍ ତେଜି ଉଠିଛନ୍ତି, ଏବଂ କହିବା ବାହୁଲ୍ୟ, ଏପ୍ରକାର ଜାଗ୍ରତାବସ୍ଥା ନିରନ୍ତର ବଜାୟ ରଖିବାକୁ ସୂଚନା ଅଧିକାର ଆଇନ୍ ସେମାନଙ୍କ ପାଖରେ ଦାବୀ କରେ ।

## ଲକ୍ଷ୍ମଣଗାର ଟପିଲ କେମିତି ?

ପ୍ରଥମ ଲେଖାରେ ଆମେ ସୂଚାଇଥିଲୁ, ସୁଚନା କମିଶନ୍ ଆଇନତଃ ଏକ ସିଭିଲ୍ କୋର୍ଟର କ୍ଷମତା ବହନ କରୁଥିବା ଏକ କଳ୍ପ-ନ୍ୟାୟିକ (quasi-judicial) କର୍ତ୍ତୃପକ୍ଷ, ଯାହାକି ଅନ୍ୟ ଗୋଟିଏ ସରକାରୀ ବିଭାଗ ଭଳି ଏକ ଅନୁଦାନ-ବିତରକ ସଂସ୍ଥା ହୋଇନପାରନ୍ତି । ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ନିୟମାବଳୀ ପ୍ରଣୟନ କରିବା ତଥା ସର୍ବସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରିବାର ସୁନିର୍ଦ୍ଦିଷ୍ଟ ଦାୟିତ୍ୱ ଯଥାକ୍ରମେ ଧାରା ୨୭ ଓ ୨୬ ଅନୁଯାୟୀ ସମୁଚିତ ସରକାରଙ୍କ ଉପରେ ନ୍ୟସ୍ତ କରାଯାଇଛି, ଏବଂ ସରକାର ଏହି ଦାୟିତ୍ୱ ସମୁଚିତ ଢଙ୍ଗରେ ପରିପାଳନ କରୁଛନ୍ତି କି ନାହିଁ, ତହିଁର ତଦାରଖ, ମାର୍ଗଦର୍ଶନ ତଥା ଆବଶ୍ୟକ ସ୍ଥଳେ ସଂଶୋଧନ କରିବାର କ୍ଷମତା ଧାରା ୨୫ ଅନୁଯାୟୀ ସୂଚନା କମିଶନଙ୍କ ଉପରେ ନ୍ୟସ୍ତ କରାଯାଇଛି । ସୁତରାଂ ଠିକ୍ ଯେମିତି ସରକାରୀ କର୍ତ୍ତୃପକ୍ଷମାନେ ଏହି ଆଇନ୍ ଅଧିନସ୍ଥ ଅଭିଯୋଗ କି ଅପିଲ୍‌ର ଚୂଡାନ୍ତ ଫଇସଲାର କ୍ଷମତା ନିଜ ହାତକୁ ନେଇ ପାରିବେନି, ସେମିତି ସରକାରଙ୍କୁ ଆଇନତଃ ନ୍ୟସ୍ତ କରାଯାଇଥିବା କ୍ଷମତା କମିଶନ୍ ପ୍ରୟୋଗ କରିପାରିବେନି । ସୂଚନା ଅଧିକାର ଆଇନ୍ ନିଜେ ଏହି ୨ପ୍ରକାର କ୍ଷମତା ଭିତରେ ସୁସ୍ପଷ୍ଟ ସୀମାରେଖା ଟାଣି ଦେଇଛି, ଯାହାକୁ କି ବିଡମ୍ବନା ବଶତଃ ଓଡିଶା ସୂଚନା କମିଶନ୍ ନଗ୍ନଭାବେ ଉଲ୍ଲଂଘନ କରିଛନ୍ତି ଓ କରିଚାଲିଛନ୍ତି । ବରକନ୍ୟାଙ୍କ ବିବାହକୁ ସମ୍ପାଦନ କରିବାକୁ ଆସୁଥିବା ପୁରୋହିତ ଯଦି ନିଜେ ବରବେଶ ହୋଇ ବେଦୀରେ ବସିଯାଏ, ତାହା ଯେଭଳି ଲାଗିବ, ରାଜ୍ୟ ସୂଚନା କମିଶନ୍ ସରକାରଙ୍କ ପ୍ରକ୍ସି ବନିବା, ସେଭଳିଆ ବ୍ୟାପାର । କେହି ପ୍ରଶ୍ନ କରିପାରନ୍ତି, କେନ୍ଦ୍ରୀୟ ସୂଚନା କମିଶନ୍ ପୁଣି ଗଲା ୧୩-୧୫ ଅକ୍ଟୋବରରେ ନୂଆଦିଲ୍ଲୀରେ ଏକ ତିନି ଦିନିଆ ଜାତୀୟ ସମ୍ମିଳନୀ କଲେ କେମିତି ? ସମସ୍ତେ ଜାଣନ୍ତି, ଗଲା ବର୍ଷକ ଧରି କେନ୍ଦ୍ରୀୟ କମିଶନ୍ କେବଳ ଶୁଣାଣି ହିଁ କରୁଥିଲେ; ଯେତେବେଳେ ଫାଇଲ୍ ନୋଟିଂକୁ ଆଇନ୍‌ର ପରିସରରୁ ବାଦ୍‌ଦେବା ପାଇଁ କେନ୍ଦ୍ର ସରକାର ସଂସଦରେ ଏକ ସଂଶୋଧନ ପ୍ରସ୍ତାବ ଆଣିବାକୁ ଚେଷ୍ଟା କଲେ, ଏବଂ ବିଶିଷ୍ଟ ସମାଜସେବୀ ଶ୍ରୀ ଆନା ହଜାରେଙ୍କ ଆମରଣ ଅନଶନ ସାଙ୍ଗକୁ ସାରାଦେଶରେ ଏହା ବିରୁଦ୍ଧରେ ପ୍ରତିବାଦର ବିସ୍ଫୋରଣ ଦେଖାଦେଲା, ସେତେବେଳେ ପ୍ରଧାନମନ୍ତ୍ରୀ ନିଜେ ଚାହିଁଲେ – କେନ୍ଦ୍ରୀୟ କମିଶନଙ୍କ ମାର୍ଫତରେ ଏହି ସ୍ପର୍ଶକାତର ପ୍ରସଙ୍ଗ ସହିତ ଅନ୍ୟାନ୍ୟ ବିବାଦୀୟ ବ୍ୟାପାରରେ ଏକ ଜାତୀୟ ବିଚାର-ବିମର୍ଷ କରାଯାଉ । ସୁତରାଂ ବର୍ତ୍ତମାନ ଆମେ ଜିଜ୍ଞାସୁ ହେବା ସ୍ୱାଭାବିକ, ଆମ ରାଜ୍ୟର ଦୁଇ ସୂଚନା କମିଶନର୍ ନିଜର ଅସଲ କାମକୁ ଅବହେଳା କରି ***(କିପରି ଅବହେଳା କରିଛନ୍ତି, ତହିଁର ନମୂନା ପୂର୍ବ ଲେଖା ଦୁଇଟିରେ ପରିବେଷିତ ହୋଇସାରିଛି)***, କେଉଁ ପରିସ୍ଥିତିର ତାଗିଦ୍‌ରେ ଏବଂ କେଉଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ପରାମର୍ଶ କ୍ରମେ ଉପରୋକ୍ତ ଅର୍ଥରାଶି ବ୍ୟୟରେ ସରକାରଙ୍କ ଜଞ୍ଜାଳକୁ ନିଜେ ମୁଣ୍ଡେଇଲେ ? ପୁଣି କିଏ ଏହି ଅର୍ଥରାଶି କମିଶନଙ୍କୁ ଦେଇଛି ଏବଂ କେଉଁ ସର୍ତ୍ତରେ ? ଆଉ ଏକ ସ୍ପର୍ଶକାତର ଅଥଚ ଅପରିହାର୍ଯ୍ୟ ପ୍ରଶ୍ନ ଆମ ମନରେ ଉଙ୍କି ମାରୁଛି, ତାହା ହେଲା, କୌଣସି ସରକାରୀ କର୍ତ୍ତୃପକ୍ଷ ଯଦି ନିଜର ଆୟବ୍ୟୟ ସମ୍ବନ୍ଧରେ ଅସତ୍ୟ, ଅସଂପୂର୍ଣ୍ଣ ବା ଭ୍ରମାତ୍ମକ ସୂଚନା ଦିଅନ୍ତି, ତେବେ ଆଇନ୍‌ର ଧାରା ୧୮ ଅନୁଯାୟୀ ତାଙ୍କ ବିରୁଦ୍ଧରେ ଲୋକେ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ କରିବେ ତଥା ଧାରା ୨୦ ଅନୁଯାୟୀ ସୂଚନା କମିଶନ୍ ତାଙ୍କ ବିରୁଦ୍ଧରେ ଜୋରିମାନା ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିପାରିବେ; କିନ୍ତୁ ଯଦି କମିଶନ୍ ନଜେ ଏପ୍ରକାର ହେରାଫେରି କରନ୍ତି, ତେବେ ଲୋକେ ତାଙ୍କ ବିରୁଦ୍ଧରେ କେଉଁ ଆଇନ୍ ବଳରେ କାହା ପାଖକୁ ଯିବେ- ରାଜ୍ୟପାଳ, ଲୋକପାଳ, ଭିଜିଲାନ୍ସ ନା ସିବିଆଇ ?

## ଲୁଚିଚି ନା’ ଗୋଡ ଦି’ଟା ଦିଶୁଛି !

ବର୍ତ୍ତମାନ ଆମେ ଦେଖିବା, ପ୍ରାୟ ୪୩ ଲକ୍ଷ ଟଙ୍କାର ଉପରୋକ୍ତ ଫର୍ଦ୍ଦକିଆ ହିସାବସୂଚୀରେ କମିଶନ୍ ନିଜେ କି ପ୍ରକାର ସ୍ୱଚ୍ଛତା ଅବଲମ୍ବନ କରିଛନ୍ତି ? ଉଦାହରଣ ସ୍ୱରୂପ, ଏହି ହିସାବ ଫର୍ଦ୍ଦ ଅନୁଯାୟୀ ପ୍ରତି ଜିଲ୍ଲା ସଦର ମହକୁମା ସହିତ ୬ଟି ପ୍ରମୁଖ ସହର (ଭୁବନେଶ୍ୱର, ବ୍ରହ୍ମପୁର, ଜୟପୁର, ପାରଦ୍ୱୀପ, ରାଉରକେଲା ଓ ତାଳଚେର) ରେ ୧୦-୧୯ ନଭେମ୍ବର ୨୦୦୬ରେ ଗୋଟିଏ ଲେଖା ଦଶଦିନିଆ ‘ସୂଚନା ଶିବିର’ ପାଇଁ ଗୋଟାକୁ ୩୫,୦୦୦/- ହାରରେ ମୋଟ୍ ୧୨ ଲକ୍ଷ ୬୦ହଜାର ଟଙ୍କା ଜିଲ୍ଲାପାଳମାନଙ୍କୁ କମିଶନ୍ ବିତରଣ କରିଛନ୍ତି । ଏଥିରୁ ମନେହେବ, ସତେ ଯେମିତି ଜିଲ୍ଲାପାଳମାନଙ୍କୁ କ୍ଷମତା ଦିଆଯାଇଥିଲା, ଏହି ସୂଚନା ଶିବିରଗୁଡିକୁ ନିଜ ଢଙ୍ଗରେ ଆୟୋଜନ କରିବା ପାଇଁ ଏବଂ ଏହି ଅର୍ଥରାଶିର ବିନିଯୋଗ ବାବଦରେ ଉତ୍ତରଦାୟୀ ରହିବା ପାଇଁ ! ମୋଟେ ନୁହେଁ, ଏଥିରେ ଗୋଟାଏ ବଡ କେଁ ଅଛି । ବସ୍ତୁତଃ ପ୍ରତି ଜିଲ୍ଲାପାଳଙ୍କୁ ସମ୍ବୋଧନ କରି ରାଜ୍ୟ ସୂଚନା କମିଶନ୍ ନଭେମ୍ବର ୧ମ ସପ୍ତାହରେ ୩୫ ହଜାର ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ସହିତ ଏକ ତିନିପୃଷ୍ଠିଆ ଚିଠି ପ୍ରେରଣ କରିଥିଲେ **(ଯାହାକି କମିଶନଙ୍କ ଦ୍ୱାରା ଏଯାବତ୍ ସଯତ୍ନରେ ଲୁକ୍‌କାୟିତ ରଖାଯାଇଛି)**, ଯାହାର ୨ୟ ଅନୁଚ୍ଛେଦରେ କୁହାଯାଇଛି, “During the month of

November 2006, besides other activities, with support and encouragement from Orissa Information Commission, a forum called Orissa Soochana Adhikar Manch is going to organize an innovative programme of awareness-cum-assistance at each District headquarter and six other major towns of the State" । ପୁଣି ଉପସଂହାର ପୂର୍ବରୁ ସପ୍ତମ ଅନୁଚ୍ଛେଦରେ କୁହାଗଲା ଯେ, "The Soochana Adhikar Mancha under whose aegis these "Shibirs" are being organized has been informed by the State Commission that within seven days after the "Shibirs" are over, coordinating organizations will submit vouchers for Rs.35,000/- per "Shibir" . . . ଶେଷ, ଅର୍ଥାତ୍ ଅଷ୍ଟମ ଅନୁଚ୍ଛେଦରେ ଜିଲ୍ଲାପାଳମାନଙ୍କୁ କୁହାଗଲା ଯେ, "You are requested to send the Utilisation Certificate for this amount … by 15th Dec. 2006." ଏହି ଚିଠିରୁ କ'ଣ ବୁଝା ପଡିଲା ? 'ସୂଚନା ଅଧିକାର ମଞ୍ଚ' ନାମକ ସଂସ୍ଥା କମିଶନ୍‌ଙ୍କ ଆର୍ଥିକ ପୃଷ୍ଠପୋଷକତା ଓ ପରମାର୍ଥିକ ପ୍ରୋତ୍ସାହନ ବଳରେ ସୂଚନା ଶିବିରଗୁଡିକୁ ନିଜ ନେଟ୍‌ୱାର୍କ-ଅନ୍ତର୍ଭୁକ୍ତ ସଂଗଠନମାନଙ୍କ ଜରିଆରେ ଆୟୋଜନ କରିବେ ଏବଂ ଏହାର ବିଲ୍‌ଭାଉଚର୍ ଯୋଗାଇଦେବେ; ଏବଂ ଜିଲ୍ଲାପାଳମାନେ ସମୁଦାୟ ଅର୍ଥର ବିନିଯୋଗ ପତ୍ର କମିଶନ୍‌ଙ୍କ ନିକଟରେ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଦାଖଲ କରିବେ । ସୂଚନା ଅଧିକାର ଆଇନ୍‌ର ଧାରା ୪ର ନିର୍ଦ୍ଦେଶନାମା ପରିପ୍ରେକ୍ଷିରେ ଏଠାରେ କମିଶନ୍‌ଙ୍କ ଭୂମିକା, ବିଶେଷକରି ଅର୍ଥ କାରବାରକୁ ନେଇ ତାଙ୍କର ଆଚରଣ-ଶୈଳୀ ସମ୍ବନ୍ଧରେ ଅନେକ ଗୁଡିଏ ପ୍ରଶ୍ନ ଉଠିବା ସ୍ୱାଭାବିକ, ଯହିଁର ସଠିକ୍ ଏବଂ ସଂପୂର୍ଣ୍ଣ କୈଫିୟତ୍ ସେମାନଙ୍କୁ ଆଜି ନହେଲେ କାଲି ଦେବାକୁ ପଡିବ । ଯଥା-

*କ) ସୂଚନା ଅଧିକାର ମଞ୍ଚ କ'ଣ ? କିଏ ଏହାର କର୍ମକର୍ତ୍ତା ? ବିଭିନ୍ନ ଜିଲ୍ଲାରେ ଏହାର ସହଯୋଗୀ ଅନୁଷ୍ଠାନମାନ କିଏ ? ସୂଚନା ଅଧିକାର ଆଇନ୍ ପାଇଁ ଅତୀତରେ ଏହା କ'ଣ କରିଛି ?*

*ଖ) ରାଜ୍ୟ କମିଶନ୍ ଏହି ମଞ୍ଚକୁ କିପରି ଜାଣିଲେ ? ଏହି ମଞ୍ଚ ଉପରୋକ୍ତ ସହାୟତା ପାଇଁ କମିଶନ୍‌ଙ୍କ ନିକଟରେ ବିଧିବଦ୍ଧ ଭାବେ ଆବେଦନ କରିଥିଲେ କି ? ଅନ୍ୟ କେଉଁମାନେ ଆବେଦନ କରିଥିଲେ ? ଅନ୍ୟମାନଙ୍କ ତୁଳନାରେ ମଞ୍ଚକୁ କାହିଁକି ବଛାଗଲା ? କେଉଁ କମିଶନର୍ ବା କମିଟି କେଉଁଦିନ ବୈଠକ କରି ମଞ୍ଚକୁ ବାଛିବାର ନିଷ୍ପତ୍ତି ନେଲେ ?*

*ଗ) ଶିବିର ବାବଦରେ ଅନୁଦାନ ପ୍ରଦାନ ବ୍ୟାପାରରେ ସର୍ବସାଧାରଣରେ ବିଜ୍ଞପ୍ତି ପୂର୍ବକ ଆଗ୍ରହୀ ସଂସ୍ଥାମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ୍ କରାଯାଇଥିଲା କି ?*

*ଘ) ଅନୁଷ୍ଠିତ କାର୍ଯ୍ୟକ୍ରମଗୁଡିକର ସଫଳତା ବା ବିଫଳତା ସମ୍ବନ୍ଧରେ ବର୍ତ୍ତମାନ କମିଶନ୍‌ଙ୍କ ମତ କ'ଣ ?*

*ଙ) ସର୍ବୋପରି ଅନୁଷ୍ଠିତ ହୋଇଯାଇଥିବା ଶିବିର କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା(**social audit**) ପାଇଁ କମିଶନ୍ କି କି ବ୍ୟବସ୍ଥା ପାଞ୍ଚିଛନ୍ତି ?*

ଏହି ପ୍ରଶ୍ନଗୁଡିକ ଏହି ଲେଖକଙ୍କ ମୁଣ୍ଡକୁ ଢୁକିଥିଲା ଠିକ୍ ସେତିକି ବେଳେ, ଯେତେବେଳେ କି ନଭେମ୍ବର ମାସର ଉପରୋକ୍ତ ଦିନମାନଙ୍କରେ ବିଭିନ୍ନ ଜିଲ୍ଲା ମହକୁମାକୁ ସେ ଗସ୍ତକରି ଶିବିର ଗୁଡିକର ଦୁରବସ୍ଥା ତଥା ଜିଲ୍ଲା ଅଧିକାରୀମାନଙ୍କର ଏହି କାର୍ଯ୍ୟକ୍ରମ ପ୍ରତି ନିରାପଦ ଦୂରତ୍ୱ ଲକ୍ଷ୍ୟ କରିଥିଲା ।

## ଗୋଦରୀଲୋ ନିଜ ଗୋଡକୁ ଚାହାଁ

ପ୍ରଥମ ଲେଖାରେ ସୂଚିତ ହୋଇଥିଲା ଯେ, କେନ୍ଦ୍ରୀୟ କମିଶନ୍‌ଙ୍କ ପରି ଆମ ରାଜ୍ୟ କମିଶନ୍ ପହିଲେ ନିଜକୁ ସୁତୁରା ରଖନ୍ତୁ, ତା'ପରେ ଅନ୍ୟକୁ ସୁତୁରା ରହିବାକୁ ପରାମର୍ଶ ଦିଅନ୍ତୁ । ନିଜକୁ ସୁତୁରା ରଖିବାର ପ୍ରଥମ ପଦକ୍ଷେପ ହେଉଛି, ଆଇନ୍‌ର ଧାରା ୪(୧ବି) ଅଧୀନସ୍ଥ ୧୭ପ୍ରକାର ସୂଚନାକୁ ବିଶଦ୍ ଓ ସୁସ୍ପଷ୍ଟ ଭାବେ ନିଜ ୱେବ୍‌ସାଇଟ୍‌ରେ ତଥା ନମୂନା-ପୁସ୍ତିକା (***Template for Information Handbook,*** *ଯାହାକି କେନ୍ଦ୍ର ଓ ରାଜ୍ୟସରକାରଙ୍କ ୱେବ୍ ସାଇଟ୍‌ରେ ଉପଲବ୍ଧ)* ଅନୁଛାୟାରେ ଘୋଷଣା କରନ୍ତୁ । ସର୍ବୋପରି କମିଶନର୍‌ମାନେ ନିଜେ କେତେ ଦରମା, ଭତ୍ତା ଓ ଅନ୍ୟାନ୍ୟ ସୁବିଧାସୁଯୋଗ ପାଉଛନ୍ତି; ସେମାନେ ନିଜ ଦପ୍ତର ପାଇଁ କେଉଁ ସୂତ୍ରରୁ କେତେ ଟଙ୍କା ପାଇଛନ୍ତି ଓ ଖର୍ଚ୍ଚ କରିଲେଣ; ନିର୍ଦ୍ଦିଷ୍ଟଭାବେ କାହାକୁ କେତେ ଅର୍ଥ ବିତରଣ କରିଛନ୍ତି ଓ କେଉଁ ଚୟନ-ପ୍ରକ୍ରିୟାକୁ ଅନୁସରଣ କରି; ମୋଟ୍ କେତେ ଅଭିଯୋଗ ବା ଅପିଲ୍ ପାଇଲେଣି ଓ ସେଥିମଧ୍ୟରୁ କେତେ ଫଇସଲା ହୋଇପାରିନି; ସେମାନଙ୍କ ଦପ୍ତରରୁ ସାଧାରଣ ଲୋକେ ସୂଚନା ପାଇବାର କି ବ୍ୟବସ୍ଥା ଅଛ; ସେମାନଙ୍କ ଦପ୍ତର ସମ୍ବନ୍ଧରେ ସର୍ବସାଧାରଣଙ୍କ ଠାରୁ ଆପତ୍ତି ଗ୍ରହଣ ଓ ମୀମାଂସାର କିକି ବ୍ୟବସ୍ଥା ରଖାଯାଇଛି; ବିଭିନ୍ନ ଜନକର୍ତ୍ତୃପକ୍ଷଙ୍କ ଆଇନ୍-ବହିର୍ଭୁତ ଆଚରଣକୁ ସଂଶୋଧନ ପାଇଁ କି ପଦକ୍ଷେପମାନ ନିଆଯାଇଛି; କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଯଥା ବାଚସ୍ପତି, ହାଇକୋର୍ଟ ଓ ରାଜ୍ୟପାଳ ଇତ୍ୟାଦିଙ୍କ ଦପ୍ତରକୁ ସାଧାରଣ ଲୋକେ ଯାଇ ଧାରା ୪ଅଧିନରେ ସୂଚନା ନିରୀକ୍ଷଣ ବା ଇନସ୍ପେକ୍‌ସନ୍ କରିବାର ସମୁଚିତ ସୁଯୋଗ ସୃଷ୍ଟି କରିବା ଦିଗରେ କମିଶନ୍ କି ଭୂମିକା ଅବଲମ୍ବନ କରିଛନ୍ତି ତଥା ସ୍ଥାନୀୟଭାଷାରେ ପ୍ରତି ଜନକର୍ତ୍ତୃପକ୍ଷ ଲୋକଙ୍କୁ ସୂଚନା ଦେବା ସ୍ୱାର୍ଥରେ କମିଶନ୍ କ'ଣ କରିଛନ୍ତି, ଇତ୍ୟାଦି । ଏହାଛଡା, କେଉଁଝର ଜିଲ୍ଲାପାଳଙ୍କ ଦପ୍ତର ଭଳି କମିଶନ୍ ନିଜେ ନିଜ ଦପ୍ତର ସମ୍ମୁଖରେ ସୁଦୃଶ୍ୟଭାବେ ଏକ ସୂଚନା ଫଳକ ଲଗାଇବା ଦରକାର, ଯେଉଁଥିରେ କମିଶନ୍‌ଙ୍କ ବିଭିନ୍ନ ପଦାଧିକାରୀଙ୍କ ସମେତ ଜନସୂଚନା ଅଧିକାରୀଙ୍କ ନାମ, ଫୋନ୍ ନମ୍ବର ଏବଂ ଇମେଲ୍ ଠିକଣା ଇତ୍ୟାଦି ଜରୁରୀ ସୂଚନା ରହିଥିବ । ଏହା ଧ୍ରୁବ ସତ୍ୟ ଯେ, ସୂଚନା ଅଧିକାର ଆଇନ୍‌ର ଅଧିକର୍ତ୍ତା ସୂଚନା କମିଶନ୍ ଯେ ପର୍ଯ୍ୟନ୍ତ ନିଜେ ସ୍ୱଚ୍ଛତାର ମଡେଲ୍ ହୋଇନାହାନ୍ତି, ୧୦୦ବର୍ଷ ବିତିଲେ ବି ଏହି ଆଇନ୍ ଏଇ ମାଟିରେ ଚେର ଧରିବନି । ଏହି ଲେଖକର ମନେ ପଡୁଛି, ଗତ ଜାନୁଆରି ୭ ତାରିଖରେ ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ଶ୍ରୀ ଡି.ଏନ୍.ପାଢୀ ଓ.ଟି.ଭି.ର ଏକ ସାକ୍ଷାତକାରରେ କହିଥିଲେ, Charity begins at home ନ୍ୟାୟରେ ଆମ କମିଶନ୍ ପ୍ରଥମେ ନିଜ ବିଷୟରେ ସୂଚନା ଦେବ ଏବଂ ସେଇଥିପାଇଁ ଏକ ୱେବ୍‌ସାଇଟ୍ ଖୋଲିଛୁ । କିନ୍ତୁ ଏ କଥା ସେ କହିବାର ପ୍ରାୟ ବର୍ଷେ ପୁରିବାକୁ ବସିଲାଣି । ସେ ଯଦି ପ୍ରକୃତରେ ନିଜର କଥା ରଖିଥାଆନ୍ତେ, ତେବେ ଏତେ କଷ୍ଟକରି ଏହି ଲେଖକଙ୍କୁ ଏହି ପ୍ରବନ୍ଧମାଳା ଲେଖିବାକୁ ପଡିନଥାନ୍ତା !

Chitta Behera, 4A Jubilee Tower, Choudhury Bazar, Cuttack-9, Email: chittabehera1@yahoo.co.in
Ph: 0671-2308518, Mobiles: 9861091455, 9437577546, Website: www.orissarti.com 5th December 2006